# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କୋରାପୁଟ
## (ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉପ-ବିଭାଗ)

ପତ୍ରାଙ୍କ ସଂଖ୍ୟା୨୭୪୩/

ତାରିଖ୨୪/୯/୨୦୧୮

## ବିଜ୍ଞାପନ

ଏତଦ୍ୱାରା ଶାସନ ସଚିବ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ, ଓଡ଼ିଶା, ଭୁବନେଶ୍ୱରଙ୍କ ପତ୍ର ସଂଖ୍ୟା ନଂ ୧୭୬୯୮ ତା. ୧୫.୦୯.୨୦୧୮ ଅନୁସାରେ ଲକ୍ଷ୍ମୀପୁର, କୋଟପାଡ଼ ଓ ସେମିଳିଗୁଡ଼ା ପଞ୍ଚାୟତ ଅଧିନସ୍ଥ ସରକାରୀ ଉଚ୍ଚ ବିଦ୍ୟାଳୟ ବୁର୍ଜା, ବାଳିକା ଉଚ୍ଚ ବିଦ୍ୟାଳୟ, କୋଟପାଡ଼ ଓ ସରକାରୀ ଉଚ୍ଚ ବିଦ୍ୟାଳୟ ସୁନାବେଡ଼ାକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ (ଯୁକ୍ତ ୨ ବିଜ୍ଞାନ)ରେ ଚଳିତ ଶିକ୍ଷାବର୍ଷ ୨୦୧୮-୧୯ ଠାରୁ ଉନ୍ନୀତ କରାଯାଇଅଛି ।

ଏଣୁ ଏହି ବିଜ୍ଞାପନ ମାଧ୍ୟମରେ ସମସ୍ତ ଜନସାଧାରଣମାନଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି ଯେ, ଇଚ୍ଛୁକ ଛାତ୍ରଛାତ୍ରୀମାନେ ସଂପୃକ୍ତ ପ୍ରଧାନ ଶିକ୍ଷକ ତଥା ଅଧ୍ୟକ୍ଷଙ୍କ ଠାରୁ ଉଚ୍ଚ ମାଧ୍ୟମିକ ବଦ୍ୟାଳୟରେ ନାମ ଲେଖାଇବାପାଇଁ ଆବେଦନ ପତ୍ର ଗ୍ରହଣ କରି ତାହା ପୂରଣ କରି ଆସନ୍ତା ତା....୩୦.୦୯.୨୦୧୮...... ରିଖ ମଧ୍ୟରେ ଦାଖଲ କରିବେ ।

ବି.ଦ୍ର. : ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଛାତ୍ରଛାତ୍ରୀମାନଙ୍କ ପାଇଁ ସରକାରଙ୍କ ଦ୍ୱାରା ଛାତ୍ରାବାସର ବ୍ୟବସ୍ଥା ରହିଅଛି ।

[signature] ୨୪/୯/୧୮

ଜିଲ୍ଲା ମଙ୍ଗଳ ଅଧିକାରୀ,କୋରାପୁଟ